# Orientation Programme for the Hon'ble Members' of the Odisha Legislative Assembly on National e-Vidhan Application (NeVA)

## ନୂଆ ବିଧାୟକଙ୍କ ଜ୍ଞାନସଂସ୍କାର କାର୍ଯ୍ୟକ୍ରମ ଉଦ୍‌ଘାଟିତ

# ହଙ୍ଗାମା ନୁହେଁ; ଶୃଙ୍ଖଳିତ ହେଲେ ବଢ଼ିବ ମର୍ଯ୍ୟାଦା: ରିଜିଜୁ

ଭୁବନେଶ୍ୱର, ୧୭।୮ (ସମିସ): ସଂସଦ କିମ୍ବା ବିଧାନସଭାରେ ହଟ୍ଟଗୋଳ କରନ୍ତୁ ନାହିଁ। ହଟ୍ଟଗୋଳ କଲେ ଦୁଇ ମିନିଟର ନ୍ୟୁଜ ହେଡ୍‌ଲାଇନ୍ ହୋଇପାରେ; ମାତ୍ର ଏହାଦ୍ୱାରା ଲମ୍ବା କ୍ୟାରିୟର ତିଆରି ହୋଇପାରିବ ନାହିଁ। ଦୀର୍ଘକାଳୀନ କ୍ୟାରିଅର ପାଇଁ ଅଧ୍ୟୟନ କରନ୍ତୁ, ଶୃଙ୍ଖଳିତ ହୁଅନ୍ତୁ, କଠିନ ପରିଶ୍ରମ କରିବା ସହ ଗୃହର ମର୍ଯ୍ୟାଦା ରକ୍ଷା କରନ୍ତୁ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି। ଶନିବାର ବିଧାନସଭାରେ ବିଧାୟକଙ୍କ ଦୁଇ ଦିନିଆ ଜ୍ଞାନସଂସ୍କାର କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜିଜୁ ଉଦ୍‌ଘାଟନ କରିଛନ୍ତି। ଅପରପକ୍ଷେ ଏହି କାର୍ଯ୍ୟକ୍ରମକୁ ପୂର୍ବ ଘୋଷଣା ଅନୁଯାୟୀ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ବର୍ଜନ କରିଛନ୍ତି।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଏହି କର୍ମଶାଳାର ଆଲୋଚନା ବିଧାୟକ ଓ ବିଧାୟିକାମାନଙ୍କୁ ବିଧାନସଭାର କାର୍ଯ୍ୟଧାରା ଓ ପରିଚାଳନା ଅନୁସାରେ ଗୃହର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜଣେ ଶୃଙ୍ଖଳିତ ସଦସ୍ୟ ବା ସଦସ୍ୟା ହୋଇ ବିଧାୟକ ନିୟମର ମୌଳିକ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିବ। ଏହି ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ଥିବାବେଳେ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଜାତୀୟ ଇ-ବିଧାନ ପ୍ରୟୋଗ ସମ୍ପର୍କରେ ଆଲୋଚନା ହୋଇଥିଲା ଓ ଉପବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଆଇସି ଓଡ଼ିଶାର ରାଜ୍ୟ ଇନ୍‌ଫର୍ମେଟିକ ଅଫିସର ଡଃ ଅଶୋକ କୁମାର ହୋତା, ନୂଆଦିଲ୍ଲୀସ୍ଥିତ ନେଭାର ମୁଖ୍ୟ ଶ୍ରୀ ସଞ୍ଜୀବ ପ୍ରମୁଖ ଏଥିରେ ଭାଗନେଇଥିଲେ। ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ବିଧାୟକମାନଙ୍କର ବିଶେଷ ଅଧିକାର ସମ୍ପର୍କରେ ଆଲୋଚନା ଅନୁଷ୍ଠିତ ହୋଇଥିଲା।

ବିଧାୟକ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ବଜେଟ୍ ପ୍ରସ୍ତୁତି ଓ ଉପସ୍ଥାପନ ସମ୍ପର୍କରେ ଆଲୋଚନା ଅନୁଷ୍ଠିତହୋଇଥିଲା।ସେହିପରିବିଧାୟକରଘୁନାଥ ଜଗଦଳାଙ୍କ ଅଧ୍ୟକ୍ଷତାରେ ବିଧାୟକମାନଙ୍କର ପ୍ରଶ୍ନ ଉପସ୍ଥାପନ ସମ୍ପର୍କରେ ଆଲୋଚନା ହୋଇଥିଲା। ଲୋକସଭା ସଚିବାଳୟର ପୂର୍ବତନ ଯୁଗ୍ମସଚିବ ବିନୟ କୁମାର ମୋହନ ଏ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ତେବେ ପୂର୍ବ ଘୋଷଣା ଅନୁଯାୟୀ ସଂଶୋଧିତ କାର୍ଯ୍ୟସୂଚୀରେ ସ୍ଥାନିତ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ପ୍ରଫୁଲ୍ଲ ଘଡ଼ାଇ କାର୍ଯ୍ୟକ୍ରମକୁ ବର୍ଜନ କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ନାହାନ୍ତି। ଦ୍ୱିତୀୟ ଦିନରେ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଏବଂ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।



- କାର୍ଯ୍ୟକ୍ରମରୁ ଦୂରେଇ ରହିଲେ ବିଜେଡି ଓ କଂଗ୍ରେସ
- କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ ବି ଆସିଲେନି